# ଜିଲ୍ଲାରେ ୨୮୬ ଡାକ୍ତର ପଦବୀ ଖାଲି

ରାୟଗଡା,୪।୪(ଭାଗ୍ୟଶ୍ରୀ ମିଶ୍ର)



ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲାରେ ବିପର୍ଯ୍ୟସ୍ତ ହୋଇପଡିଛି ସ୍ୱାସ୍ଥ୍ୟସେବା । ଆକାଂକ୍ଷା ଜିଲା ରାୟଗଡାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି, ହେଲେ ଡାକ୍ତର ଅଭାବରୁ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଫଳରେ ରୋଗୀ ବାଧ୍ୟହୋଇ ଅଧିକ ଟଙ୍କା ଖର୍ଚ୍ଚ କରି ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଛନ୍ତି। ରାୟଗଡ଼ା ଜିଲାରେ ମୋଟ ୪୬୧ ଡାକ୍ତରୀ ପଦବୀ ମଞ୍ଜୁର ଥିବାବେଳେ ଅଛନ୍ତି ମାତ୍ର ୧୭୫ ଡାକ୍ତର। ଜିଲାରେ ୨୮୬ ଡାକ୍ତର ପଦବୀ ବର୍ଷ ବର୍ଷ ଧରି ଖାଲି ରହିଛି।

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ୧୧ଟି ବ୍ଲକର ହଜାର ହଜାର ଲୋକ ନିର୍ଭର କରିଥାନ୍ତି । ଜିଲାର ବିଭିନ୍ନ ବ୍ଲକର ପିଏଚ୍‌ସି ଏବଂ ସିଏଚ୍‌ସିରୁ ରେଫର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ହେଲେ ମୁଖ୍ୟ ଚିକିତ୍ସାଳୟରେ ସ୍କିନ, ରେଡ଼ିଓଲୋଜି ଏବଂ ଆନାସ୍ଥେସିଆ ବିଭାଗରେ ବିଶେଷଜ୍ଞ ନ ଥିବାରୁ ରୋଗୀ ବହୁତ ହଇରାଣ ହେଉଛନ୍ତି। ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବରୁ ପ୍ରତିଦିନ ରୋଗୀଙ୍କୁ ଅନ୍ୟ ଜିଲାକୁ ରେଫର କରାଯାଉଥିବା ଅଭିଯୋଗ ହୋଇଛି । ସେପଟେ ବିଭିନ୍ନ ପିଏଚସି ଏବଂ ସିଏଚସିରେ ଡାକ୍ତର ଅଭାବ ଯୋଗୁ ଗ୍ରାମାଞ୍ଚଳ ରୋଗୀ କ୍ୱାକ୍ କିମ୍ବା ଘରୋଇ କ୍ଲିନିକ ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ହେଉଛନ୍ତି । ଏପରିକି ଗ୍ରାମାଞ୍ଚଳରେ ଅନେକ ଲୋକ ଆଜି ବି ଗୁଣିଗାରେଡି ଉପରେ ବିଶ୍ୱାସ କରି ଚିକିତ୍ସା କରାଉଥିବା ଦେଖିବାକୁ ମିଳିଛି।

ରାୟଗଡା ବ୍ଲକ ପିତାମହଲ ଗ୍ରାମର ସୌଦାମିନୀ ପାତ୍ର କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଚର୍ମ ରୋଗ ବିଶେଷଜ୍ଞ ନ ଥିବାରୁ ବାଧ ହୋଇ ଘରୋଇ କ୍ଲିନିକ୍‌ରେ ଦେଖାଉଛୁ । ସେହିପରି ଅନ୍ୟ ଜଣେ ରୋଗୀ ଝଜା ବାଗ (୬୦) କହିଛନ୍ତି, ହଠାତ ତାଙ୍କ ସ୍ତ୍ରୀଙ୍କ ପାରାଲିସିସ୍ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲୁ। ହେଲେ ସେଠାରେ ଡାକ୍ତର ନ ଥିବାରୁ ତାଙ୍କୁ ଭୁବନେଶ୍ୱର ରେଫର କରିଦେଲେ। କିନ୍ତୁ ଅର୍ଥ ଅଭାବ ଯୋଗୁ ଧାର କରଜ କରି ତାଙ୍କୁ ନେବାକୁ ପଡୁଥିବା ସେ କହିଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୨୮ ଡାକ୍ତର ପଦବୀ ମଞ୍ଜୁରୀ ହୋଇଥିବା ବେଳେ ୪୩ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟସେବା। ସେମାନଙ୍କ ମଧ୍ୟରୁ ୫ ରୁ ୬ ଡାକ୍ତର ପିଜି କରିବାକୁ ଯାଇଥିବା ଜଣାପଡିଛି। ସେହିପରି ୮୫ ଡାକ୍ତର ପଦବୀ ଖାଲି ପଡିଛି । ଫଳରେ ଜରୁରିକାଳୀନ ପରିସ୍ଥିତିରେ ରୋଗୀଙ୍କୁ ଭୁବନେଶ୍ୱର, କୋରାପୁଟ, ବ୍ରହ୍ମପୁର, କଟକକୁ ରେଫର କରାଯାଉଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୦୨୧-୨୨ରେ ୩୬୨୮ ରୋଗୀଙ୍କୁ ବିଭିନ୍ନ କାରଣରୁ ରେଫର କରାଯାଇଛି । ସେହିପରି ୨୦୨୨-୨୩ରେ ୩୬୪୫ ରୋଗୀଙ୍କୁ ରେଫର କରାଯାଇଛି। ୨୦୨୩-୨୪ରେ ୩୬୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ରେଫର କରାଯାଇଥିବା ଜଣାପଡ଼ିଛି। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବେ ରେଫରାଲ ସେଣ୍ଟର ପାଲଟିଥିବା ଅଭିଯୋଗ ହେଉଛି।

**ରାୟଗଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

- ଡାକ୍ତର ଅଭାବରୁ ବାହାରକୁ ରେଫର ହେଉଛନ୍ତି ରୋଗୀ
- ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି ସ୍କିନ, ରେଡ଼ିଓଲୋଜି, ଆନାସ୍ଥେସିଆ ବିଶେଷଜ୍ଞ
- ମାଲାମାଲ ହେଉଛନ୍ତି ଘରୋଇ କ୍ଲିନିକ୍

ଜିଲାରେ ବିଭିନ୍ନ ମେଡିକାଲରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୁଣପୁର ଏସଡିଏଚରେ ୫୪ ଡାକ୍ତର ପଦବୀ ପରିବର୍ତ୍ତେ ଅଛନ୍ତି ମାତ୍ର ୨୦, ପଦ୍ମପୁର ସିଏଚସିରେ ୨୬ ଡାକ୍ତର ବଦଳରେ ୧୫ ଡାକ୍ତର, ରାମନାଗୁଡା ସିଏଚ୍‌ସିରେ ୨୪ ଡାକ୍ତର ବଦଳରେ ୬ ଜଣରେ ଚାଲିଛି ସ୍ୱାସ୍ଥ୍ୟସେବା। ସେହିପରି ଗୁଡାରି ସିଏଚସିରେ ୨୪ ଡାକ୍ତର ବଦଳରେ ଅଛନ୍ତି ୮ ଜଣ, ଜଗନ୍ନାଥପୁର ସିଏଚସିରେ ୨୪ ଜଣ ଡାକ୍ତର ରହିବା କଥା, ଅଛନ୍ତି ୮ ଜଣ, ଚନ୍ଦ୍ରପୁର ସିଏଚସିରେ ୨୪ ଡାକ୍ତର ରହିବା କଥା, ଅଛନ୍ତି ୧୨ ଜଣ, ବିଷମକଟକ ସିଏଚସିରେ ୨୬ ଜଣ ଡାକ୍ତର ବଦଳରେ ଅଛନ୍ତି ୧୦, ମୁନିଗୁଡାରେ ୨୬ ଜଣ ଡାକ୍ତର ବଦଳରେ ୧୦ରେ ଚାଲିଛି ସ୍ୱାସ୍ଥ୍ୟସେବା। ସେହିପରି କେସିଂପୁରରେ ୨୫ ଜଣ ଡାକ୍ତର ବଦଳରେ ଅଛନ୍ତି ୧୧ ଜଣ, କୋଲନରାରେ ୧୧, ଜେମାଦେଈପେଣ୍ଟରେ ୨୫ ଜଣ ଡାକ୍ତର ବଦଳରେ ୧୨ ଜଣ, କାଶୀପୁରରେ ୨୮ ବଦଳରେ ୧୧ ଡାକ୍ତର ରହିଛନ୍ତି । ଏ ସମ୍ପର୍କରେ ସିଡିଏମଓ ଲାଲ ମୋହନ ରାଉତରାୟଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଡାକ୍ତର ଏବଂ ବିଶେଷଜ୍ଞଙ୍କ ଅଭାବ ରହିଛି । ଜିଲାରେ ଡାକ୍ତର ଅଭାବ ସମସ୍ୟା ବିଷୟରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ । ପିଏସ୍‌ସି ପରୀକ୍ଷା ହେବା ପରେ ଡାକ୍ତର ପଦବୀ ପୂରଣ ହୋଇପାରେ ବୋଲି ସେ କହିଛନ୍ତି ।

# ସ୍କୁଲ ଅଫ ଏଗ୍ରିକଲ୍ଚରକୁ ଆଇସିଏଆର୍ ମାନ୍ୟତା



ଜିଆଇଇଟି ବିଶ୍ୱବିଦ୍ୟାଳୟ ।

ଗୁଣପୁର,୪।୪(ପ୍ରଦୀପ କୁମାର ପାଢୀ)

**ଜିଆଇଇଟି ବିଶ୍ୱବିଦ୍ୟାଳୟ**

ରାଜ୍ୟର ଉନ୍ନତମାନର କୃଷି ଶିକ୍ଷାଦାନ ପାଇଁ ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଏଗ୍ରିକଲ୍ଚରକୁ କେନ୍ଦ୍ର ସରକାରଙ୍କ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ନୂଆଦିଲ୍ଲୀ ପକ୍ଷରୁ ସ୍କୁଲ ଅଫ୍ ଏଗ୍ରିକଲ୍ଚର ଏବଂ ବି. ଏସସି. (ସମ୍ମାନ) କୃଷି ପାଠ୍ୟକ୍ରମକୁ ୨୦୨୪ -୨୦୨୫ ଠାରୁ ୫ ବର୍ଷ ପାଇଁ ମାନ୍ୟତା ପ୍ରଦାନ କରିଛନ୍ତି । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର ) ସମ୍ପୂର୍ଣ୍ଣ ଭାରତରେ କୃଷିଭିତ୍ତିକ ଶିକ୍ଷା ଓ ଗବେଷଣାର ପରିଚାଳନା, ନିରୀକ୍ଷଣ ଏବଂ ମାର୍ଗ ପ୍ରଦର୍ଶନ କରାଇବାରେ ପ୍ରମୁଖ ଭୂମିକା ରହିଛି । ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଏଗ୍ରିକଲ୍ଚର ଉଚ୍ଚମାନର ଶିକ୍ଷାଦାନ ପ୍ରଣାଳୀ, ଭିତ୍ତିଭୂମିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ଏହି ଶ୍ରେଷ୍ଠ ମାନ୍ୟତା ପ୍ରଦାନ କରିଛନ୍ତି। ଏହି ମାନ୍ୟତା ପାଇବା ପରେ କୃଷି ମହାବିଦ୍ୟାଳୟର ଶିକ୍ଷକ ମଣ୍ଡଳୀ ତଥା ଛାତ୍ରୀଛାତ୍ର ଜାତୀୟସ୍ତରରେ ଉନ୍ନତମାନର ଯୋଗ୍ୟ ବିବେଚିତ ହେବେ। ଏହି ଖବର ଜଣାପଡ଼ିବା ପରେ ଛାତ୍ରୀଛାତ୍ର, ଅଭିଭାବକ, ବିଶ୍ୱବିଦ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଶବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ପ୍ରୋ ଚାନ୍ସେଲର ଡ. ଲଳିତ ମୋହନ ପଟ୍ଟନାୟକ, କୁଳପତି ଡ. ଏଭିଏନଏଲ ଶର୍ମା, ରେଜିଷ୍ଟ୍ରାର ଡ. ଏନ ଭି ଜଗନାଧା ରାଓ, ସ୍କୁଲ ର ଡିନ ଡ. ସନ୍ତୋଷ କୁମାର ପଣ୍ଡା, ସହକାରୀ ଡିନ ଅଶୋକ କୁମାର ମିଶ୍ର ପ୍ରମୁଖ ସ୍କୁଲର ସମସ୍ତ ପ୍ରଫେସର, ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜୁମୁରୁଗୁଡ଼ା ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

ପଦ୍ମପୁର,୪।୪ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ଶିଶୁ ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି। କ୍ରୀଡା ପ୍ରତିଯୋଗିତାର ନାମ 'ପିଙ୍ଗ ପିଙ୍ଗ' ଖେଳ ବୋଲି ନାମକରଣ କରିଥିଲେ। ପ୍ରତିଯୋଗିତା ପରେ ଛାତ୍ରୀଛାତ୍ର ଦୀର୍ଘ ୫ ବର୍ଷର ଅଭିଜ୍ଞତା ଓ ପରବର୍ତ୍ତୀ ବିଦ୍ୟାଳୟରେ ନାମ ଲେଖାଇ ବିଦ୍ୟାଳୟର ସୁନାମ ବଢ଼ାଇବାକୁ ଶପଥ ନେଇଥିଲେ। ଛାତ୍ରୀଛାତ୍ରଙ୍କ ଅନୁରୋଧ କ୍ରମେ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ଉକ୍ତ ଖେଳରେ ଭାଗ ନେଇଥିଲେ । ଉକ୍ତ ଖେଳରେ ଛାତ୍ର ରିତେଶ ସାହୁ ଓ ଛାତ୍ରୀ ଗେଲାମା ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଉକ୍ତ କ୍ରୀଡାରେ ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ପ୍ରମିଳା ପାଢ଼ୀଙ୍କୁ ୧ମ ସ୍ଥାନ, ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଣୁବାଳା ନାୟକଙ୍କୁ ୨ୟ ସ୍ଥାନ ଓ ସହକାରୀ ଶିକ୍ଷକ ହୃଷୀକେଶ ପରିଡ଼ାଙ୍କୁ ୩ୟ ସ୍ଥାନ ରୂପେ ଚୟନ କରିଥିଲେ। ଏହିପରି ଅଭିନବ ଉପାୟରେ ପିଲାଙ୍କୁ ଉତ୍ସାହିତ କରି ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ଉତ୍ସବ ପାଳନ କରାଯାଇଥିଲା ।

ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ୧ମ ରୁ ୫ମ ପର୍ଯ୍ୟନ୍ତ ୨୦୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଅଛନ୍ତି । ସରକାରଙ୍କ ନିୟମ ପ୍ରକାରେ ସମସ୍ତ ୫ମ ଶ୍ରେଣୀ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ଅନ୍ୟତ୍ର ନାମ ଲେଖାଇବେ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଜଣାଇଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଆର୍. ଆରତୀ, ବନିତା ନାୟକ ଓ ଜ୍ୟୋତିରାଣୀ ସାବତ ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

# ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଦଳୀୟ କର୍ମୀଙ୍କ ବିରୋଧ




ରଘୁରାମ ପଡାଲଙ୍କ ପ୍ରାର୍ଥିତ୍ୱକୁ ଲମତାପୁଟରେ କର୍ମୀମାନେ ବିରୋଧ କରୁଛନ୍ତି।

ସୁନାବେଡ଼ା,ସେମିଳିଗୁଡ଼ା,୪।୪
(କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)

**କୋରାପୁଟ ବିଧାନସଭା କ୍ଷେତ୍ର**

କୋରାପୁଟ ବ୍ଲକ, ସୁନାବେଡ଼ା ପୌରାଞ୍ଚଳ, ଲମତାପୁଟ ଓ ବୈପାରିଗୁଡ଼ା ବ୍ଲକ ଅଞ୍ଚଳକୁ ନେଇ ଗଠିତ ହୋଇଛି ୧୪୪ ନଂ. କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀ। ନିର୍ବାଚନ ପାଇଁ ନିକଟରେ ବିଜେଡି ପ୍ରାର୍ଥୀ ରୂପେ ରଘୁରାମ ପଡାଲଙ୍କ ନାମ ଘୋଷଣା ହୋଇଛି। ଏହି ଘୋଷଣା ପରେ ପଡାଲଙ୍କ ପ୍ରାର୍ଥିତ୍ୱକୁ ନେଇ ଶତାଧିକ କର୍ମୀ ବିରୋଧ କରିଛନ୍ତି। ବୁଧବାର ଏହି ନିର୍ବାଚନମଣ୍ଡଳୀର ଲମତାପୁଟଠାରେ ଶତାଧିକ କର୍ମୀ ଏକାଠି ହୋଇ ହାତରେ ବ୍ୟାନର୍ ଧରି ବିଭିନ୍ନ ନାରା ଦେଇ ରାସ୍ତାକୁ ଓହ୍ଲାଇଥିଲେ। ସେମାନଙ୍କ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରେ ଯୁବ ତଥା ନୂଆ ଚେହେରା ଆବଶ୍ୟକ ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ରଘୁରାମଙ୍କ ଉପରେ ଏଠାକାର ଭୋଟରଙ୍କ ଆଉ ଭରସା ନାହିଁ। ସେ ବିଗତ ଦିନରେ ନିର୍ବାଚନମଣ୍ଡଳୀରେ ଆଖିଦୃଶିଆ ସେପରି କୌଣସି କାମ କରି ନ ଥିବା ମଙ୍ଗରାଜ ଗୁଣ୍ଡାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଅଭିଯୋଗ କରିଛନ୍ତି। ଯଦି ଦଳ ପକ୍ଷରୁ ରଘୁରାମ ପଡାଲଙ୍କ ପ୍ରାର୍ଥିତ୍ୱକୁ ଅପସାରଣ କରା ନ ଯାଏ ତେବେ ସମସ୍ତ କର୍ମୀ ଭୋଟ୍ ବର୍ଜନ କରିବୁ,ନଚେତ୍ ଯେଉଁ ଦଳର ପ୍ରାର୍ଥୀ ଆମ ଅଞ୍ଚଳର ବିକାଶ କରିବ ତାଙ୍କୁ ଭୋଟ୍ ଦେବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଧାୟକ ପ୍ରାର୍ଥୀ ରଘୁରାମ ପଡାଲଙ୍କୁ ପଚାରିବାରୁ ସେ କହିଲେ, ଗତ ପାଞ୍ଚ ବର୍ଷରେ ନିର୍ବାଚନମଣ୍ଡଳୀରେ ଯଥେଷ୍ଟ ଉନ୍ନତି ହୋଇଛି। ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ନିଜ ସ୍ୱାର୍ଥ ପାଇଁ ଏପରି କରିଥାଇପାରନ୍ତି। ଦଳର ନିଷ୍ପତ୍ତି ବିରୋଧରେ ଯାଉଥିବା କର୍ମୀ ଆଦୌ ଶୃଙ୍ଖଳିତ କର୍ମୀ ନୁହନ୍ତି ବୋଲି ପଡାଲ କହିଛନ୍ତି।

# ଭାଗନେବେ ମା' ମାର୍କମା ମହାବିଦ୍ୟାଳୟ ୩ ଛାତ୍ର

ବିଷମ କଟକ,୪।୪
(ବିଭୁତି ଭୂଷଣ ନାୟକ)

**୬ରୁ ବିହାରରେ ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତା**



ହ୍ୟାଣ୍ଡବଲ ପୁରୁଷ ଟୁର୍ନାମେଣ୍ଟ ପାଇଁ ମନୋନୀତ ହୋଇଥିବା ୩ ଛାତ୍ର।

ବିହାରର ଦରଭଙ୍ଗାସ୍ଥିତ ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟରେ ଆସନ୍ତା ୬ରୁ ୯ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ପୁରୁଷ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିବା ପାଇଁ ରାୟଗଡ଼ା ଜିଲା ବିଷମ କଟକ ମା' ମାର୍କମା ମହାବିଦ୍ୟାଳୟର ୩ ଜଣ ଛାତ୍ର ଗୁରୁବାର ବିହାର ଅଭିମୁଖେ ଗସ୍ତ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହ୍ୟାଣ୍ଡବଲ ପୁରୁଷ ଟିମରେ ଏହି ୩ ଛାତ୍ର ଅଂଶ ଗ୍ରହଣ କରଛନ୍ତି। ମା' ମାର୍କମା ମହାବିଦ୍ୟାଳୟରୁ ମନୋନୀତ ହୋଇଥିବା ଛାତ୍ରମାନେ ହେଲେ ରମେଶ ହିକ୍କା, କୃଷ୍ଣ ତିଆକା, ଦିଲ୍ଲୀପ ବେହେରା। ଏହି ଟିମ୍‌ରେ ହ୍ୟାଣ୍ଡବଲର ଜିଲା ସମ୍ପାଦକ ଶୁଭେନ୍ଦୁ ନାରାୟଣ ଚୌଧୁରୀ ଓ ମାର୍କମା ମହାବିଦ୍ୟାଳୟର ଅଧକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ଖୁସିବ୍ୟକ୍ତ କରିବା ସହିତ ପିଲାଙ୍କ ଶୁଭେଚ୍ଛା ଜଣେଇଛନ୍ତି।

# ୫ ନଦୀଘାଟ ଯାଞ୍ଚ କଲେ ଏନ୍‌ଜିଟି ଟିମ୍

ପଟ୍ଟାଙ୍ଗି/କୋରାପୁଟ,୪।୪
(ଶରତ ଧଳ/ଅମିତାଭ ବେହେରା)

**ଆନ୍ଧ୍ରକୁ ବାଲି ଚାଲାଣ ଘଟଣା**

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଛକୁଣ୍ଡ ନଦୀଘାଟରୁ ପରିବେଶ ନଷ୍ଟ କରି ବେଆଇନ ଭାବେ ଆନ୍ଧ୍ର ଅଞ୍ଚଳକୁ ବାଲି ଚାଲାଣ ହେଉଥିବା ସମ୍ପର୍କରେ ନନ୍ଦପୁର ବ୍ଲକର ପାଛଲୁଙ୍ଗ ପଞ୍ଚାୟତ ସରପଞ୍ଚ ପୂଜା ଖିଲ ଜାତୀୟ ହରିତ ପ୍ରାଧିକରଣ (ଗ୍ରୀନ ଟ୍ରିବ୍ୟୁନାଲ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ଟ୍ରିବ୍ୟୁନାଲ ଅଭିଯୋଗର ତଦନ୍ତ କରିବାକୁ ଏକ ଜାତୀୟ ସ୍ତରର କମିଟି ଗଠନ କରି ତଦନ୍ତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ କମିଟି ଗୁରୁବାର ପୂର୍ବାହ୍ନ ୧୧ଟାରେ କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଛଲୁଙ୍ଗ ପଞ୍ଚାୟତର ଦୁଇ ରାଜ୍ୟର ସୀମା ନିର୍ଦ୍ଧାରଣ କରୁଥିବା ମାଛକୁଣ୍ଡ ନଦୀର ଶୋଭାପୁଟ ପୋଲ, ସୁଡୁବ, ସାରିଆପାଲି, ପ୍ରଧାନିପୁଟ, ମାରିପୁଟ, ରାଜୁଲପୁଟ ଓ ପାଡୁଆ ପଞ୍ଚାୟତର ଡୁରୁବା ଗାଲଗାଣ୍ଡା ନଦୀଘାଟ ଯାଞ୍ଚ କରିଥିଲେ। ଟିମ୍‌ରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ସନ୍ଦୀପ ରାୟ, ସିପିସିବି ଆର୍‌ଡି ଚେନ୍ନାଇର ସୌମ୍ୟା ଡି., ଜିଲା ଖଣିଜ ଅଧିକାରୀ ଏସ୍‌ଏନ୍ ରାଜୁ, ଏମ୍‌ଓଇଏଫ୍ ଆଣ୍ଡ ସିସି ଭୁବନେଶ୍ୱରର ସନ୍ଦୀପ ନନ୍ଦୀ, କୋରାପୁଟ ଜିଓଲୋଜି ବିଭାଗର ଯୁଗ୍ମ ନିର୍ଦ୍ଦେଶକ କ୍ୟୁଜେ ଖାନ୍, ଉପଜିଲାପାଳ ବେଣୁଧର ଶବର, ଓଏସ୍‌ପିସିବି ରିଜିଓନାଲ ଅଧିକାରୀ ଦୀପେଶ ବିଶ୍ୱାଳ, ଇଇ ଆରଓ ଏପିପିସିବି ବିଜୟନଗରମର ଡ. ବିଭି ସରିତାଙ୍କୁ ନେଇ ଗଠିତ ଟିମ୍ ମାଛକୁଣ୍ଡ ନଦୀର ଉପରୋକ୍ତ ଘାଟ ପରିଦର୍ଶନ କରିଥିଲେ। ଅଭିଯୋଗକାରୀ ସରପଞ୍ଚ ପୂଜା ଖିଲ, ଆକାଶ ଖିଲ ଓ ପଞ୍ଚାୟତର ବୁଦ୍ଧିଜୀବୀମାନଙ୍କ ସହ ଟିମ୍ ଆଲୋଚନା କରିଥିଲେ। ଦୁଇ ରାଜ୍ୟର ପ୍ରଦୂଷଣ, ଖଣିଜ, ରାଜସ୍ୱ, ଜଙ୍ଗଲ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ ନଦୀଘାଟରୁ ଲୋକ ଲଗେଇ ବାଲି ସଂଗ୍ରହ ଓ ଟ୍ରକ ଯୋଗେ ଆନ୍ଧ୍ର ଅଞ୍ଚଳକୁ ବାଲି ଚାଲାଣ ହେଉଥିବା ଟିମ୍ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। କୌଣସି ଘାଟରେ ବୈଜ୍ଞାନିକ ପଦ୍ଧତିରେ ପରିବେଶର ସନ୍ତୁଳନ ରକ୍ଷା କରିବାକୁ ବ୍ୟବସ୍ଥା ହୋଇ ନ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ବାଲି ଉଠାଣ ଯୋଗୁ ନଦୀକୂଳ ପରିବେଶ ନଷ୍ଟ ହେଉଥିବା ଟିମ୍ ସଦସ୍ୟମାନେ କହିଥିଲେ। ସମସ୍ତ ଅଧିକାରୀ ନିଜ ନିଜ ରିପୋର୍ଟ ଟ୍ରିବ୍ୟୁନାଲଙ୍କୁ ପ୍ରଦାନ କରିବେ ବୋଲି ଜଣାପଡିଛି। ।



ଏନ୍‌ଜିଟି ଅଧିକାରୀମାନେ ସରପଞ୍ଚ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି ।

# ପାଣି ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ମହିଳା

ରାୟଗଡ଼ା,୪।୪(ଆଶିଷ ରଞ୍ଜନ ପଣ୍ଡା)



ମହିଳାମାନେ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପାଇଁ ଯାଉଛନ୍ତି ।

ରାଜ୍ୟରେ ଦିନକୁ ଦିନ ତାପମାତ୍ରା ବଢୁଥିବାରୁ ଅସହ୍ୟ ଗରମରେ ଲୋକେ ଛଟପଟ ହେଉଛନ୍ତି । ତେବେ ଗ୍ରୀଷ୍ମ ଋତୁ ଆରମ୍ଭରୁ ରାୟଗଡ଼ା ଜିଲାରେ ପାନୀୟ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ଗାଁରେ ନଳକୂପ ଏବଂ ସୋଲାର ଚାଳିତ ମୋଟର ପମ୍ପ ଥିଲେ ମଧ୍ୟ ନଳକୂପ ଅଚଳ ହୋଇପଡ଼ିଥିବାବେଳେ ସୋଲାର ପମ୍ପରେ ଠିକ୍ ସମୟରେ ପାଣି ମିଳୁନାହିଁ । ଫଳରେ ରାୟଗଡ଼ା ବ୍ଲକ୍ କାରୁବାଇ ପଞ୍ଚାୟତର ଅର୍ପଣା ଗ୍ରାମର ଲୋକେ ନିକଟରେ ଥିବା ଏକ ଝରଣା ପାଣି ବ୍ୟବହାର କରିବାକୁ ବାଧ ହେଉଥିବା କହିଛନ୍ତି । ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ବହୁବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ନିରାଶ ହୋଇ ଗୁରୁବାର ୧୦ କି.ମି. ଦୂର ରାୟଗଡ଼ା ଆସି ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

ଅର୍ପଣା ଗ୍ରାମର ୩ଟି ସାହିରେ ପ୍ରାୟ ୬୬ ପରିବାର ବସବାସ କରୁଛନ୍ତି । ୪୦୦ରୁ ଊର୍ଦ୍ଧ୍ୱ ଜନବସତି ରହିଛି । ଗ୍ରାମବାସୀଙ୍କ କହିବା ଅନୁସାରେ ଗାଁରେ ୪ଟି ନଳକୂପ ରହିଛି। ୨ଟି ନଳକୂପ ଗାଁ ବିଦ୍ୟାଳୟରେ ଏବଂ ଦୁଇଟି ଗାଁରେ ରହିଛି । ବିଦ୍ୟାଳୟରେ ରହିଥିବା ୨ଟି ନଳକୂପ ମଧ୍ୟରୁ ଗୋଟିଏ ନଳକୂପରେ ଦିନକୁ ୨ ହାଣ୍ଡି ପାଣି ବାହାରି ବନ୍ଦ ହୋଇଯାଉଛି। ଅନ୍ୟ ଏକ ନଳକୂପରେ ଦୂଷିତ ଗୋଳିଆ ପାଣି ବାହାରୁଛି ଏବଂ ଗାଁରେ ରହିଥିବା ଦୁଇଟି ନଳକୂପ ଅଚଳ ହୋଇପଡ଼ିଛି । ପାନୀୟ ଜଳ ସୁବିଧା ପାଇଁ ଗୋଟିଏ ସୋଲାର ପମ୍ପ ରହିଥିଲେ ମଧ୍ୟ ତାହା ଦିନ ୧୧ଟାରୁ ଆରମ୍ଭ ହୋଇ ୩ଟାରେ ବନ୍ଦ କରିଦିଆଯାଉଛି। ଫଳରେ ଗ୍ରାମବାସୀ ପିଇବା ପାଇଁ ଆବଶ୍ୟକ ଜଳ ପାଇପାରୁନାହାନ୍ତି । ଏ ନେଇ ପଞ୍ଚାୟତଠାରୁ ଆରମ୍ଭକରି ପ୍ରଶାସନ ସମସ୍ତଙ୍କୁ ପୂର୍ବରୁ ଅବଗତ କରାଇଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ତେଣୁ ନିରାଶ ହୋଇ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କହିଛନ୍ତି । ତେବେ ଜିଲାପାଳ କାର୍ଯ୍ୟବ୍ୟସ୍ତ ଥିବାରୁ ମହିଳାମାନେ ବିଡିଓଙ୍କୁ ଭେଟି ସମସ୍ୟା ଜଣାଇବାକୁ କହିଥିଲେ। ବିଡିଓ ଅମୂଲ୍ୟ କୁମାର ସାହୁ ଅନୁପସ୍ଥିତ ଥିବାରୁ ଏବିଡିଓ କାଳୁ ଚରଣ ନାୟକଙ୍କୁ ଭେଟି ଅଭିଯୋଗ କରିଥିଲେ । ଅଭିଯୋଗ ଶୁଣିବା ପରେ ଟେକ୍ନିସିଆନ ପଠାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଏବିଡିଓ କାଳୁ ନାୟକ ପ୍ରତିଶ୍ରୁତି ଦେଇଛନ୍ତି । ତେବେ କେବଳ ଅର୍ପଣା ନୁହେଁ ଏହାର ଆଖପାଖ ଗ୍ରାମରେ ଜନତା, ଡେଙ୍ଗାଯୋଡ଼ି ଏବଂ ପିପଲଗୁଡ଼ା ପଞ୍ଚାୟତ, ମିରାବାଲି ପଞ୍ଚାୟତ ଓ ଦୁର୍ଗାପାଡୁ ପଞ୍ଚାୟତରେ ଦୀର୍ଘ ବର୍ଷ ଧରି ପାନୀୟ ଜଳ ସମସ୍ୟା ରହିଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହେଉ ନ ଥିବା ଉକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ ।

- ଅର୍ପଣାରେ ପାନୀୟ ଜଳ ସଙ୍କଟ
- ନଳକୂପ ଅଚଳ, ସୋଲାର ପମ୍ପରେ ଆସୁନି ପାଣି
- ଝରଣା ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ

## ଶିଶୁପଟା ଜବତ, ୨ ଗିରଫ



ବାଲିମେଳା,୪।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ବନାଞ୍ଚଳ ପକ୍ଷରୁ ଚୋରା ଚାଲାଣ ହେଉଥିବା ୧୧ ଖଣ୍ଡ ଶିଶୁପଟା ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦ୍ୱୟ ହେଲେ ଆନ୍ଧ୍ରପ୍ରଦେଶ ସିଲେରୁ ଗ୍ରାମର କୋରା ଆଜିନଥ ଓ ବାନ୍ତଲା ଭାସ୍କର ରାଓ । ବାଲିମେଳା ବନାଞ୍ଚଳ ପକ୍ଷରୁ ଜୟପୁର ଓ ବାଲିମେଳା ମୁଖ୍ୟ ରାସ୍ତା ବାଲିମେଳା ଛକ ନିକଟରେ ଗତ ୨ତାରିଖ ମଧରାତ୍ରରେ କୁଡୁମୁଲୁଗୁମ୍ମା ପଟୁ ଆସୁଥିବା ଏକ ଅଟୋ ନଂ.ଏପି ୩୯ ୟୁ.ଏନ.-୫୦୯୦କୁ ଅଟକାଇ ଯାଞ୍ଚ କରିବା ସମୟରେ ଗାଡିରେ ୧୧ଖଣ୍ଡ ଶିଶୁ ପଟା ଥିବା ଦେଖିବାକୁ ପାଇଥିଲେ। ଏହାର କାଗଜପତ୍ର ମାଗିବାରୁ ଦେଇପାରିନଥିଲେ। ତେଣୁ ଗାଡି ଓ ପଟା ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ବନ ବିଭାଗ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ପଙ୍କ ଉଦ୍ଧାର ନାଁରେ ୨ ବୃହତ୍ ପୁଷ୍କରିଣୀରୁ ଜଳ ନିଷ୍କାସନ

- ଗ୍ରୀଷ୍ମଋତୁରେ ଜଳ ସମସ୍ୟା ଭୋଗିବେ ପଶୁପକ୍ଷୀ, ଲୋକେ
- ସଙ୍କୁଚିତ ହେବ ପୁଷ୍କରିଣୀ ଆୟତନ

ମାଲକାନଗିରି,୪।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ବାସ କରୁଥିବା ଜନସାଧାରଣ ଚଳିତ ଗ୍ରୀଷ୍ମ ଋତୁରେ ଜଳ କଷ୍ଟ ଭୋଗିବା ଅନୁମାନ କରାଯାଉଛି। ଚଳିତବର୍ଷ ପାଣିପାଗ ବିଭାଗ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ମାତ୍ରା ବୃଦ୍ଧି ପାଇବ ବୋଲି ସତର୍କ ସୂଚନା ଦେଇଛି। ଏପ୍ରିଲ ପ୍ରଥମ ସପ୍ତାହରେ ମାଲକାନଗିରି ଜିଲାରେ ପାରଦ ୪୧ ଡିଗ୍ରୀ ଛୁଇଁଲାଣି। ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଙ୍ଗନୱାଡି ଓ ବିଦ୍ୟାଳୟଗୁଡିକୁ ସକାଳ ୭ ଟାରୁ ୧୧ ପର୍ଯ୍ୟନ୍ତ କରିଛନ୍ତି। ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ କୌଣସି ଶ୍ରମିକ କାମ କରିବେ ନାହିଁ ବୋଲି ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲା ସଦର ମହକୁମାରେ ଥିବା ଦୁଇଟି ବୃହତ ପୁଷ୍କରିଣୀର ପଙ୍କ ଉଦ୍ଧାର ନାମରେ ଜଳ ନିଷ୍କାସନ କରାଯାଇଛି। ୭୦ ଏକର ପରିଧିରେ ଥିବା ବାଲିସାଗର ପୁଷ୍କରିଣୀରୁ ଦୀର୍ଘ ଏକ ମାସ ପୂର୍ବରୁ ପାଣି ଶୁଖାଯାଇ ବର୍ତ୍ତମାନ ମେଶିନ ସାହାଯ୍ୟରେ ପଙ୍କ କଢା ଯିବା କାର୍ଯ୍ୟ ଜାରି ରହିଛି। ଏହି ଶୁଖିଲା ପଙ୍କକୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଯାଇ ପୁଷ୍କରିଣୀ ଚତୁଃପାର୍ଶ୍ୱ ହୁଡାରେ ୫୦ ମିଟର ଓସାରରେ ପକାଯାଉଛି। ଫଳରେ ୭୦ ଏକର ପରିଧି ମଧ୍ୟରେ ଥିବା



ଜଳ ବର୍ତ୍ତମାନ ୫୦ ଏକର ପରିଧି ମଧ୍ୟକୁ ଆସିବ। ପଙ୍କ ଉଦ୍ଧାର ପରେ ପୁଷ୍କରିଣୀର ଗଭୀର ୫ ଫୁଟ ଅଧିକ ହେଲେ ମଧ୍ୟ ଜଳ ଧାରଣ କ୍ଷମତା କମିଯିବ।

ସେହିପରି ଗତବର୍ଷ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବଣ୍ଡାବାକୁଲିଗୁଡା ପୁଷ୍କରିଣୀ ଗତବର୍ଷ ପଙ୍କ ଏବଂ ଦଳ ଉଦ୍ଧାର ନାମରେ ପାଣି ଶୁଖାଯାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଚଳିତ ବର୍ଷ ଏହି ପୁଷ୍କରିଣୀରୁ ପଙ୍କ ଉଦ୍ଧାର ନାମରେ ପୁନର୍ବାର ଜଳ ନିଷ୍କାସନ କରି ପୁଷ୍କରିଣୀକୁ ଶୁଷ୍କ କରି ଦିଆଯାଇଛି। ଅନ୍ୟପଟେ ମାଲକାନଗିରି ସହରକୁ ସତୀଗୁଡା ଜଳଭଣ୍ଡାରରୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ସତୀଗୁଡା ଜଳଭଣ୍ଡାରରେ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। କାରଣ ଚାଷୀମାନଙ୍କ ପାଇଁ ଏହି ଜଳଭଣ୍ଡାରରୁ ଦୁଇଟି ମଧ୍ୟମ କେନାଲ ଦ୍ୱାରା ଜଳ ଯୋଗାଇ ଦିଆଯାଉଛି। ଅଧିକ ଗ୍ରୀଷ୍ମ ପ୍ରଭାବ ଯୋଗୁ ସତୀଗୁଡା ଜଳଭଣ୍ଡାରରେ ମଧ୍ୟ ଜଳ ସଙ୍କଟ ଦେଖାଯିବା ସମ୍ଭାବନା ରହିଛି। ଫଳରେ ଚଳିତ ଗ୍ରୀଷ୍ମ ପ୍ରଭାବରେ ସହରବାସୀ ପାନୀୟ ଜଳ ସଂକଟର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ଅପରପକ୍ଷରେ ଏହି ଦୁଇଟି ପୁଷ୍କରିଣୀ ଉପରେ ପଶୁପକ୍ଷୀ, ବାହାରୁ ଆସୁଥିବା ଶ୍ରମିକ, ଛୋଟ ଛୋଟ ବ୍ୟବସାୟୀ ସ୍ନାନ, ଶୌଚ ଓ ସଫା କରିବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ନିର୍ଭର କରୁଛନ୍ତି। ବର୍ତ୍ତମାନ ଏପରିସ୍ଥିତିରେ ସେମାନେ ଅସୁବିଧାର ସମ୍ମୁଖୀନ ହେବେ । ନିଜସ୍ୱ ନଳକୂପ ବ୍ୟବହାର ପାଇଁ ଅନେକ ବ୍ୟକ୍ତି ବୋରୱେଲ ଖୋଳୁଥିଲେ ମଧ୍ୟ ଭୂତଳଜଳ ନିମ୍ନଗାମୀ ଏବଂ ମାଟିତଳେ ପଥର ଚଟାଣ ଥିବାରୁ ପାଣି ବାହାରୁ ନାହିଁ। ଯାହାକି ଆଗାମୀ ଦିନ ପାଇଁ ପାନୀୟ ଜଳ ସମସ୍ୟା ଉତ୍କଟ ହେବ।

ଏ ସମ୍ପର୍କରେ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକଙ୍କୁ ପଚାରିବାରୁ ଏହି ଦୁଇଟି ପୁଷ୍କରିଣୀର ପଙ୍କ ଉଦ୍ଧାର ଏବଂ ହୁଡାଗୁଡିକୁ ଓସାର କରାଯାଇ ସୌନ୍ଦର୍ଯ୍ୟ କରଣ ନିମନ୍ତେ ପୌର ପରିଷଦ ତରଫରୁ ଅନେକ ଯୋଜନା ଅଛି। ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ବାଲିସାଗର ନିମନ୍ତେ ୪ କୋଟି ଏବଂ ବଣ୍ଡାବାକୁଲିଗୁଡା ପୁଷ୍କରିଣୀ ପାଇଁ ୪ କୋଟି ଟଙ୍କା ବରାଦ କରାଯାଇଛି। ଏହି କାର୍ଯ୍ୟ ମୁକ୍ତା ଯୋଜନାରେ ସହରର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା କରା ଯାଉଛି ବୋଲି କହିଥିଲେ।

## ବୁଥ୍ ପରିଦର୍ଶନ ସହ ବ୍ୟବସ୍ଥା ତଦାରଖ



ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଜିଲାପାଳଙ୍କ ନିର୍ବାଚନ ପରିଚାଳନା ନେଇ ସମୀକ୍ଷା

ତେନ୍ତୁଳିଖୁଣ୍ଟି, ୪।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ତେନ୍ତୁଳିଖୁଣ୍ଟି ବ୍ଲକରେ ନିର୍ବାଚନ ପରିଚାଳନା ନେଇ ସମୀକ୍ଷା କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବ୍ଲକରେ ଥିବା ବୁଥ୍‌ଗୁଡ଼ିକରେ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ରହିଛି କି ନାହିଁ ସେ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁ ବୁଥ୍‌ରେ କିଛି ସମସ୍ୟା ରହିଛି ତାହା ତୁରନ୍ତ ଦୃଷ୍ଟିକୁ ଆଣି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରେ ତେନ୍ତୁଳିଖୁଣ୍ଟିର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ପାଣି, ଲାଇଟ୍ ଓ ଫ୍ୟାନ ବ୍ୟବସ୍ଥା ସମୀକ୍ଷା କରିଥିଲେ। ବିଡିଓ ମନୋଜ ପାଣିଗ୍ରାହୀ, ସେକ୍ଟର ଅଫିସର, ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ବେହେରା, କନିଷ୍ଠଯନ୍ତ୍ରୀ କ୍ରାନ୍ତି ପଟ୍ଟନାୟକ, ବିକାଶ ବାରା, ଏବିଡିଓ କୃପାସିନ୍ଧୁ ନାୟକ, ଏଇଇ, ଜିପିଇଓ ମଣ୍ଟୁ ସ୍ୱାଇଁ, ଏବିଇଓ ମୋହନ ମଧୁସୂଦନ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

## କୁକୁର ଦେହରେ ତୀର

### ଚିକିତ୍ସା ନିମନ୍ତେ ହାତ ଟେକିଦେଲା ପ୍ରାଣୀ ଚିକିତ୍ସାଳୟ

ମାଲକାନଗିରି,୪।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ଗୋଟିଏ ବୁଲା କୁକୁର ଦେହରେ ତୀର ବାଜିଥିବା ବେଳେ ଏହାର ଅସ୍ତ୍ରୋପଚାର ପାଇଁ ପ୍ରାଣୀ ଚିକିତ୍ସାଳୟରେ କୌଣସି ସୁବିଧା ନାହିଁ ବୋଲି ହାତ ଟେକିଦେଲେ ପ୍ରାଣୀ ଚିକିତ୍ସାଳୟର ନିର୍ଦ୍ଦେଶକ ଓ କର୍ମଚାରୀ ବୃନ୍ଦ।

ସୂଚନା ଅନୁଯାୟୀ, ଗତ ୩ ଦିନ ପୂର୍ବେ ଗୋଟିଏ ବୁଲା କୁକୁରଦେହରେ କେହିଜଣେ ବ୍ୟକ୍ତି ତୀର ମାରି ଦେଇଥିଲେ। କୁକୁରଟି ଆଘାତ ପାଇ ଏଣେତେଣେ ବୁଲୁଥିବା ବେଳେ ମାଲକାନଗିରିର ଜଣେ ବ୍ୟକ୍ତି ତାହା ଦେଖି କୁକୁରଟିକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ତେବେ ପ୍ରାଣୀ ଚିକିତ୍ସାଳୟର ନିର୍ଦ୍ଦେଶକ ଓ କର୍ମଚାରୀ ମାନେ ଏଠାରେ ଅସ୍ତ୍ରୋପଚାର ପାଇଁ କୌଣସି ସୁବିଧା ନାହିଁ କିମ୍ବା ଔଷଧ ନାହିଁ କହି ଫେରାଇ ଦେଇଥିଲେ। ପ୍ରାୟ ୩ ଘଣ୍ଟା ଧରି ଡାକ୍ତର ଓ କର୍ମଚାରୀଙ୍କୁ ଅନୁରୋଧ କରିଥିବା ସତ୍ତ୍ୱେ କେହି ଚିକିତ୍ସା କରି ନ ଥିଲେ। ପରେ କୁକୁରର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜିଲାରେ ନୂତନ ପ୍ରାଣୀ ଚିକିତ୍ସାଳୟ ନିର୍ମାଣାଧୀନ ଅବସ୍ଥାରେ ଅଛି। ତାହା କାର୍ଯ୍ୟକ୍ଷମ ହେଲେ ଏପରି ସମସ୍ୟା ରହିବ ନାହିଁ ବୋଲି ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ କହିଛନ୍ତି ।

## ଶୋଭାଯାତ୍ରାରେ ଯାଇ ପ୍ରଚାର କଲେ ବିଜେଡି ପ୍ରାର୍ଥୀ



ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଡାବୁଗାଁ, ୪।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଭାବେ ମନୋହର ରନ୍ଧାରୀଙ୍କୁ ଟିକେଟ ମିଳିଛି। ଟିକେଟ ପାଇବା ପରେ ଗୁରୁବାର ଡାବୁଗାଁଠାରେ ବିଜେଡି ପାର୍ଥୀ ମୋଟରସାଇକଲ ଶୋଭାଯାତ୍ରା କରି ପ୍ରଚାର କରିଛନ୍ତି। ମନୋହର ରନ୍ଧାରୀ ତାଙ୍କ ସମର୍ଥକ ଓ ବିଜେଡି କର୍ମୀଙ୍କ ସହ ଡାବୁଗାଁଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ଚଚରାଗୁଡ଼ା, ଅଞ୍ଚଳା, ମେଦନା ଓ ଡ଼ଙ୍ଗରିଗୁଡ଼ା ପଞ୍ଚାୟତରେ ପ୍ରଚାର କରିଥିଲେ। ବିଧାୟକ ପ୍ରାର୍ଥୀଙ୍କୁ ପ୍ରତ୍ୟେକ ଗ୍ରାମରେ ସ୍ୱାଗତ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ୍‌ପି ପ୍ରତିନିଧି ଏମ୍. ଆପ୍ପା ରାଓ, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଡାବୁଗାଁ ଜିଲାପରିଷଦ ଗୁପ୍ତ ବିଷୋୟୀ, ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସଭାପତି ଓ ବହୁତ କର୍ମୀ ସାମିଲ ଥିଲେ।

## ବଣ୍ଡା ଘାଟି ଜଙ୍ଗଲରେ ନିଆଁ

### ଲିଭାଇବାକୁ ବନ ବିଭାଗର ଆନ୍ତରିକତା ଅଭାବ ଅଭିଯୋଗ

ମାଲକାନଗିରି, ୪।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଅଙ୍ଗେଲ ଗ୍ରାମ ନିକଟ ବଳିପାହଡ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ଜଳିପୋଡି ପାଉଁଶ ହେଉଥିବା ବେଳେ ଏହାକୁ ଆୟତ୍ତ କରିବା ପାଇଁ ବନ ବିଭାଗ ଉଚିତ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏହି ବଳିପାହାଡର ପ୍ରାୟ ୧୫ ରୁ ଅଧିକ ସ୍ଥାନରେ ନିଆଁ ଲାଗିଥିବା ନେଇ ସ୍ଥାନୀୟ ଲୋକେ ସାମାଜିକକର୍ମୀ ପ୍ରଥମେ ବନ ବିଭାଗର ଜିଲା କଣ୍ଟ୍ରୋଲ ରୁମକୁ ସୂଚନା ଦେଇଥିଲେ। ଏହାପରେ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଜଣାଇବା ସହ ମାଥିଲି ବନ ବିଭାଗକୁ ମଧ୍ୟ ଜଣାଇଥିଲେ। ତେବେ ନିଆଁ ଲାଗିଥିବା ସ୍ଥାନଟି ସେମାନଙ୍କ ସୀମା ବାହାରେ ଥିବାରୁ ସେମାନେ ପଦକ୍ଷେପ ନେଇ ପାରୁନଥିବା କହିବା ପରେ ଏନେଇ ବାଲିମେଳା ରେଞ୍ଜରଙ୍କୁ ଅବଗତ କରାଯାଇଥିଲା । ଇତି ମଧ୍ୟରେ ନିଆଁ ସାମାଜିକକର୍ମୀ ତଥା ରେଡ୍‌କ୍ରସ୍ ସୋସାଇଟି ଓ ଆନିମଲ୍ ୱେଲ୍‌ଫେୟାର ସଦସ୍ୟ ରାମକୃଷ୍ଣ ଚୌଧୁରୀ ଏନେଇ ସ୍ଥାନୀୟ ବିଡ଼ିଓ, ପୋଲିସ, ଅଗ୍ନିଶମ ବିଭାଗ ଓ ବିଏସ୍‌ଏଫ ଅଧିକାରୀଙ୍କ ସହ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନେଇଥିଲେ। ତେବେ ଏହାପରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ବିଳମ୍ବରେ ହେଉ ପଛେ କୁଡୁମୁଲୁଗୁମା ଅନ୍ତର୍ଗତ ପାତ୍ରପଡ଼ାରୁ ଫରେଷ୍ଟ ଗାର୍ଡ ୩ ସହଯୋଗୀଙ୍କ ସହ ସନ୍ଧ୍ୟା ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ନିଆଁକୁ ଆୟତ୍ତ କରିଥିଲେ।



ଜଳୁଥିବା ଜଙ୍ଗଲ ।

## ୨ ଗଞ୍ଜେଇ ବ୍ୟବସାୟୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍-୩ ରାଜକୁମାର ଦାଶ ଗୁରୁବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ୨ ବ୍ୟବସାୟୀଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଉଭୟେ ଅଧିକ ବର୍ଷେ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ବ୍ୟବସାୟୀମାନେ ହେଲେ ଗଜପତି ଜିଲା ଅଡବା ସୁନାଗୁଡା ଗ୍ରାମର ଜୟରାଜ ଦଳବେହେରା(୩୨) ଓ ଅଡବା କୁମ୍ଭାର ସାହିର ଯୋଶେଫ ରଇତ(୪୦)।

୨୦୨୧ ଫେବୃଆରୀ ୧୫ ତାରିଖରେ ପାଟପୁର ଥାନା ପୋଲିସ ପକ୍ଷରୁ ଭୀମନଗର ଠାରେ ଗାଡି ଯାଞ୍ଚ ଚାଲିଥିଲା। ବ୍ରହ୍ମପୁର ଆଡକୁ ଦ୍ରୁତ ଗତିରେ ଆସୁଥିବା ଓଡି-୦୨-ବିଏ-୨୯୩୨ ନଂ. ବିଶିଷ୍ଟ କାରକୁ ସନ୍ଦେହରେ ଅଟକାଯାଇ ଯାଞ୍ଚ କରାଯାଇଥିଲା । ସେଥିରୁ ମୋଟ ୧୦୫ କେଜି ଗଞ୍ଜେଇ ମିଳିଥିଲା। ପୋଲିସ କାର୍ ସହ ଉକ୍ତ ଗଞ୍ଜେଇ ଜବତ କରି ୨ ବ୍ୟବସାୟୀ ଜୟରାଜ ଓ ଯୋଶେଫଙ୍କୁ ଗିରଫ କରିଥିଲା। ଜେରା ପରେ ସେମାନେ ଗଜପତିରୁ ଗଞ୍ଜେଇ ଆଣି ଟ୍ରେନ ଯୋଗେ ବିହାର ନେଇଥାନ୍ତେ ବୋଲି ଜଣାପଡିଥିଲା। ନଂ ୩୪/୨୧ରେ ଉଭୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଉଭୟେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିଲେ । ତଦନ୍ତ ଅଧିକାରୀ ତଥା ତତ୍କାଳୀନ ଏସଆଇ ଶୁଭ୍ରଜିତ ସାମନ୍ତରାୟ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ । ମାମଲାର ବିଚାର ବେଳେ ୧୦ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ ।

## ଜାଲ୍ ବିଜ୍ଞାପନ ଲିଙ୍କରେ ଲକ୍ଷାଧିକ ଠକେଇ

### ୩ ମାସରେ ୧୫ ସାଇବର ଅପରାଧ ମାମଲା

ବ୍ରହ୍ମପୁର,୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ଚଳିତବର୍ଷ ଆରମ୍ଭରୁ ଏ ଯାଏ ବ୍ରହ୍ମପୁର ସାଇବର ଥାନାରେ ୧୫ଟି ମାମଲା ରଜୁ ହୋଇଛି। ଠକମାନେ ଜାଲ ବିଜ୍ଞାପନ ଲିଙ୍କ ଜରିଆରେ ବେକାର ଯୁବତୀ ଯୁବକଙ୍କୁ ସେମାନଙ୍କ ଜାଲରେ ଫସାଇ ତଳିତଳାନ୍ତ କରି ତଦନ୍ତକାରୀ ଏଜେନ୍ସିକୁ ଖୋଲା ଚାଲେଞ୍ଜ ଦେଉଛନ୍ତି। ଏପରିକି ତାଙ୍କ ଟାର୍ଗେଟରେ ଭିଭିଆଇପି ରହୁଛନ୍ତି।

ଗତ କିଛିଦିନ ପୂର୍ବେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇଙ୍କ ନକଲି ଫେସବୁକ ଆକାଉଣ୍ଟ ଖୋଲାଯାଇ ତାଙ୍କ ସମ୍ପର୍କୀୟମାନଙ୍କୁ ଟଙ୍କା ମଗାଯାଇଥିଲା। ମେୟର ଲୋକଙ୍କୁ ଏ ଦିଗରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ପୂର୍ବରୁ ଗଞ୍ଜାମର ତତ୍କାଳୀନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ସହକାରୀ ଉପଜିଲାପାଳ ବିନୋଦ ବେହେରା ଓ ଅତିରିକ୍ତ ଏସପି ରମେଶ ସେଠୀଙ୍କ ନକଲି ଫେସବୁକ ଆକାଉଣ୍ଟ ଖୋଲାଯାଇ ତାଙ୍କ ସମ୍ପର୍କୀୟମାନଙ୍କୁ ଟଙ୍କା ମଗାଯାଇଥିବା ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଏପରକି ସୋସିଆଲ ମିଡ଼ିଆକୁ ବ୍ୟବହାର କରି ଯୁବତୀ ଓ ମହିଳାଙ୍କୁ ଅପମାନିତ କରିବା, ସେମାନଙ୍କ ଫଟୋକୁ ଏଡିଟ କରି ପୋଷ୍ଟ କରିବା , ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ କିମ୍ବା ଭିଡିଓ ପୋଷ୍ଟ କରାଯିବା ଭଳି ଅନେକ ମାମଲା ସାଇବର ଥାନାରେ ରହିଛି। ଆଇନଜୀବୀ ସୁରେନ୍ଦ୍ର ବେହେରାଙ୍କ ମତ ଯେ, ସାଧାରଣ ଲୋକଙ୍କ ସାମାନ୍ୟ ଅସାବଧାନତା ଓ ଲୋଭ ସାଇବର ଅପରାଧୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

## ଯାଦବ ମାଝିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଯାଦବ ମାଝିଙ୍କ ପ୍ରତିମୂର୍ତ୍ତି ନିକଟରେ ଏମ୍‌ପି ରମେଶ ମାଝି ଓ ଅନ୍ୟମାନେ।

ଚନ୍ଦାହାଣ୍ଡି, ୪।୪(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦରରେ ପାନାବେଡ଼ା ଅଞ୍ଚଳର ବରପୁତ୍ର ତଥା ପୂର୍ବତନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଯାଦବ ମାଝିଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ୱର୍ଗତ ମାଝିଙ୍କ ବଡ଼ ପୁଅ ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଚନ୍ଦାହାଣ୍ଡିସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ଓ ପାନାବେଡା ଡିଗ୍ରୀ ମହାବିଦ୍ୟାଳୟରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀମଲ୍ଲୀ ଗୌଡ଼, ସାମାଜିକ କର୍ମୀ ଗୌରହରି ନାୟକ, ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ତ୍ରିନାଥ ଦାଶ, ସରପଞ୍ଚ ଜଳନ୍ଧର ମାଝି, ଝୁମୁକଲାଲ ସାହୁ, ପୁରୁଷୋତ୍ତମ ପାରୀ, ଦୁତିବାହନ ଖମାରୀ, କିଶୋର ଖମାରୀ, ବିଶିକେଶନ ପାଢ଼ୀ, ଜୟଦେବ ଖମାରୀ, ଭୀମସେନ ଡଙ୍ଗରି, କ୍ଷୀରଦେଇ ଚଣ୍ଡୀ, ସନ୍ଧ୍ୟାରାଣୀ ନାୟକ, ନୀଳେନ୍ଦ୍ରି ପାଣ୍ଡେଙ୍କ ସହ ପାନାବେଡା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଅର୍ଥ ଉପାର୍ଜନ ମାଧ୍ୟମ ପାଲଟିଛି ମହୁଲ ଫୁଲ

- ପରିଶ୍ରମ ଅନୁସାରେ ପ୍ରାପ୍ୟ ପାଉନାହାନ୍ତି ଆଦିବାସୀ
- କମ୍ ମୂଲ୍ୟରେ ନେଇଯାଇ ଲାଭ ଉଠାଉଛନ୍ତି ବ୍ୟବସାୟୀ
- ପ୍ରଶାସନ ପଦକ୍ଷେପ ନେବାକୁ ଦାବି

ଏମ୍‌ଭି ୭୯,୪।୪(ଭିକି ବାରିକ)

ମାଲକାନଗିରି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହୁଲ ଫୁଲ ଅର୍ଥ ରୋଜଗାରର ଏକ ମାଧ୍ୟମ ପାଲଟିଛି। ମହୁଲ ଫୁଲ ସଂଗ୍ରହ କରି ଏହାକୁ ବିକ୍ରି କରି ପରିବାର ଚଳାଇବା ଆଦିବାସୀମାନଙ୍କ ଜୀବିକା ପାଲଟିଛି। ଜିଲାର ବିଭିନ୍ନ ବ୍ଲକର ଆଦିବାସୀବହୁଳ ଅଞ୍ଚଳରେ ଅନେକ ପରିବାର ପାଇଁ ଏହା ଧରଣୀ ମା'ର ବାରଦାନ ସଦୃଶ। ଖରାଦିନ ଆସିଲେ ଫୁଟୁଥିବା ମହୁଲ ଫୁଲ ସଂଗ୍ରହ କରିବାକୁ ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥାଏ। ଭୋରରୁ ନିଜ ପରିବାର ସହ ମାଣ୍ଡିଆ ଜାଉ ସାଙ୍ଗରେ ଧରି ସେମାନେ ମହୁଲ ଫୁଲ ସଂଗ୍ରହ ଲାଗି ଜଙ୍ଗଲକୁ ଯାଇଥାନ୍ତି। ମହୁଲ ଗଛ ତଳେ ପଡିଥିବା ମହୁଲ ଫୁଲକୁ ସଂଗ୍ରହ କରି ମଧ୍ୟାହ୍ନରେ ଘରକୁ ଫେରନ୍ତି। ତେବେ ଏହାକୁ ବିକି ପରିଶ୍ରମ ଅନୁସାରେ ସେମାନେ ମୂଲ୍ୟ ପାଇ ନ ଥାନ୍ତି। କେତେବେଳେ ଏହି ମହୁଲ ଫୁଲ ବଦଳରେ ସେମାନେ ବର୍ଷକ ପାଇଁ ଖାଇବା ଲୁଣ ଘରପାଇଁ ବ୍ୟବସାୟୀଙ୍କଠାରୁ ନେଇ ଆସନ୍ତି ତ କେବେ କମ୍ ମୂଲ୍ୟରେ ବିକି ଠକେଇର ଶିକାର ହୋଇଥାନ୍ତି। ବ୍ୟବସାୟୀମାନେ ଏହାକୁ ସେମାନଙ୍କଠାରୁ କମ୍ ମୂଲ୍ୟରେ କିଣି ଅଧିକ ଦରରେ ବିକ୍ରି କରିଥାନ୍ତି। ସରକାରୀ ବ୍ୟବସ୍ଥାରେ ପ୍ରତ୍ୟେକ ପଞ୍ଚାୟତରେ ମହୁଲ ଫୁଲ ବିକ୍ରି ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ଏହାର ମୂଲ୍ୟ ଧାର୍ଯ୍ୟ ହୋଇ ଚିଠା ପହଞ୍ଚିବାକୁ ସରକାରୀ ସ୍ତରରେ ଦୁଇ/ତିନି ମାସ ଲାଗିଯାଏ। ଏତେଦିନ ଧରି ମହୁଲ ଫୁଲ ବିକିବାକୁ ଗଚ୍ଛିତ କରି ରଖିବାକୁ ଆଦିବାସୀଙ୍କ ସମ୍ବଳ ନାହିଁ କି ସ୍ଥାନ ନାହିଁ। ଅଭାବ ମେଣ୍ଟାଇବା ପାଇଁ ସେମାନେ ଅନ୍ୟ ମାଧ୍ୟମ ନ ପାଇ ସଂଗୃହୀତ ମହୁଲକୁ ବ୍ୟବସାୟୀଙ୍କ ହାତରେ ଟେକି ଦିଅନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମହୁଲ ଫୁଲ ଦରଧାର୍ଯ୍ୟ କରି ପଞ୍ଚାୟତ ସ୍ତରରେ ଏହାର ବିକ୍ରି ଲାଗି ରହିଥିବା ବିଳମ୍ବ ବ୍ୟବସ୍ଥା ଦୂର କରିବାକୁ ସାଧାରଣରେ ଦାବି ହେଉଛି।



